# NATIONAL NEWS BULLETIN (ODIA)
## 10 April - 2026
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳ ଏବଂ ପୁଡୁଚେରୀ ବିଧାନସଭା ସମେତ ୪ଟି ଉପନିର୍ବାଚନରେ ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ।

– ପୁଡୁଚେରୀରେ ରେକର୍ଡ଼ ସଂଖ୍ୟକ ୮୯ ଦଶମିକ୍ ୮/୭ ପ୍ରତିଶତ ମତଦାନ ସୂଚନା ।

- ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଗତିପଥ ନେଇ ଜାରି ରହିଛି ଆଲୋଚନା ।
- ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟକୁ ଇସ୍ରାଏଲ୍‌ର କଡ଼ା ସମାଲୋଚନା ।

– ମନ୍ତବ୍ୟ ଅପରାଧ ମନୋବୃତ୍ତି ସମ୍ପନ୍ନ ବୋଲି କହିଲା ଇସ୍ରାଏଲ୍ ।

- ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ କାରବାରରେ ଇରାନ୍ ସେନାର ଶୁଳ୍କ ଆଦାୟ ଯୁଦ୍ଧ ବିରତି ସର୍ତ୍ତାବଳୀର ଉଲ୍ଲଙ୍ଘନ ବୋଲି ଆମେରିକା ରାଷ୍ଟ୍ରପତିଙ୍କ ଅଭିଯୋଗ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌କୁ ୩ ୱିକେଟ୍‌ରେ ପରାସ୍ତ କଲା ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ।

– ଆଜି ସନ୍ଧ୍ୟାରେ ଖେଳାଯିବ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ।

## ଆସେମ୍ବ୍ଲି ଇଲେକସନ୍ ପୋଲ

ଆସାମ, କେରଳ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ନିମନ୍ତେ ମତଦାନ ତଥା ତିନୋଟି ରାଜ୍ୟର ୪ଟି ବିଧାନସଭା ଆସନରେ ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ନିର୍ବାଚନ କମିଶନ୍‌ଙ୍କ ସୂଚନା ଅନୁଯାୟୀ ଆସାମରେ ୮୫ ଦଶମିକ୍ ୩/୮ ପ୍ରତିଶତ ଏବଂ ପୁଡୁଚେରୀରେ ୮୯ ଦଶମିକ୍ ୮/୩ ପ୍ରତିଶତ ମତଦାନ ହୋଇଛି । କେରଳରେ ୭୮ ଦଶମିକ୍ ୦/୩ ପ୍ରତିଶତ ମତଦାନ ହୋଇଥିବା କମିଶନ୍ କହିଛନ୍ତି ।

କର୍ଣ୍ଣାଟକର ବାଗଲକୋଟ୍ ଉପନିର୍ବାଚନରେ ୬୮ ଦଶମିକ୍ ୭ ପ୍ରତିଶତ ମତଦାନ ହୋଇଥିବା ବେଳେ ଦବନଗିର୍ ଦକ୍ଷିଣରେ ୬୮ ଦଶମିକ୍ ୫/୫ ପ୍ରତିଶତ, ନାଗାଲାଣ୍ଡର କୋରିଡାଙ୍ଗରେ ୮୨ ଦଶମିକ୍ ୨/୧ ଏବଂ ତ୍ରିପୁରାର ଧର୍ମନଗରରେ ୮୦ ପ୍ରତିଶତ ମତଦାନ ହୋଇଛି ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଅନ୍ୟ ଦୁଇ ଜଣ ନିର୍ବାଚନ କମିଶନର ସମ୍ପୂର୍ଣ୍ଣ ମତଦାନ ପ୍ରକ୍ରିୟାର ସିଧାସଳଖ ପ୍ରସାରଣ ନିରୀକ୍ଷଣ କରିଥିଲେ । ପ୍ରଥମଥର ପାଇଁ ସମସ୍ତ ଭୋଟଦାନ କେନ୍ଦ୍ରରେ ଏହି ବ୍ୟବସ୍ଥା କରାଯାଇଥିଲା । ବିଶେଷ କରି ଇଭିଏମ୍ ବାଲଟ ପେପରରେ ପ୍ରାର୍ଥୀମାନଙ୍କ ରଙ୍ଗୀନ ଫଟୋଚିତ୍ର, ମୋବାଇଲ୍ ଜମାକରିବା ବ୍ୟବସ୍ଥା, ପରିବର୍ତ୍ତିତ ଭୋଟର ସୂଚନା ପତ୍ର ଏବଂ ମତଦାନ କେନ୍ଦ୍ର ପିଛା ୧୨୦୦ ଭୋଟର ଭଳି ବ୍ୟବସ୍ଥା ମତଦାନ ପ୍ରକ୍ରିୟାକୁ ସହଜ କରିଥିଲା ।

## ପୁଡୁଚେରୀ ଭୋଟର ଟର୍ଣ୍ଣଆଉଟ୍

ପୁଡୁଚେରୀରେ ଗତକାଲି ୮୯ ଦଶମିକ୍ ୮/୭ ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି । ନିର୍ବାଚନ କମିଶନଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ସହିତ ମିଶ୍ରଣ ଏବଂ ୧୯୬୪ ମସିହାରେ ଅନୁଷ୍ଠିତ ପ୍ରଥମ ବିଧାନସଭା ନିର୍ବାଚନ ପରେ ଏହା କେନ୍ଦ୍ରଶାସିତ ଅଞ୍ଚଳରେ ଏହା ସର୍ବାଧିକ ମତଦାନ । ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ନିର୍ବାଚନ ଓ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ସମେତ ପ୍ରାୟ ୧୩ ହଜାର ଭୋଟର ପୋଷ୍ଟାଲ ମାଧ୍ୟମରେ ମତଦାନ କରିଛନ୍ତି । ଆସନ୍ତା ମେ ୪ ତାରିଖ ଭୋଟ ଗଣନା ଦିନ ସକାଳ ୮ଟା ପର୍ଯ୍ୟନ୍ତ ଭୋଟ ଦେବା ଲାଗି ୩୨୮ ଜଣ ସର୍ଭିସ୍ ଭୋଟରଙ୍କୁ ପୋଷ୍ଟାଲ ବାଲାଟ୍ ପ୍ରଦାନ

କରାଯାଇଛି । ଫଳରେ ମତଦାନ ହାର ପ୍ରାୟ ୧ ଦଶମିକ୍ ୩/୬ ପ୍ରତିଶତ ବୃଦ୍ଧି ପାଇ ମୋଟ୍ ମତଦାନ ୯୧ ଦଶମିକ୍ ୨/୩ ପ୍ରତିଶତ ହେବା ଆକଳନ କରାଯାଇଛି ।

## ସିଲଚର୍-ଇଲେକ୍‌ସନ୍ ଅପ୍‌ଡେଟ୍

ଆସାମରେ ୮୫ ଦଶମିକ୍ ୭ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ଼ କରାଯାଇଛି । ବାରାକ୍ ଉପତ୍ୟକାରେ ସର୍ବାଧିକ ମତଦାନ ହୋଇଛି । ଦକ୍ଷିଣ ଆସାମର ବାରାକ୍ ଉପତ୍ୟକାରେ ୮୪ ପ୍ରତିଶତ ମତଦାନ ହୋଇଛି । ସିଲ୍‌ଚର ସହରରେ ଶେଷ ମୁହୂର୍ତ୍ତରେ ଭୋଟଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ହାଇଲାକାଣ୍ଡିରେ ପ୍ରାୟ ୮୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ଦିଆଯାଇଛି । ଚା’ ବଗିଚା କର୍ମଚାରୀ ଏବଂ ପ୍ରଥମଥରର ଭୋଟଦାତାଙ୍କ ମଧ୍ୟରେ ମତଦାନ ଲାଗି ଆଗ୍ରହ ଦେଖାଦେଇଥିଲା । ଶ୍ରୀଭୂମି ଉପତ୍ୟକାରେ ୮୫ ପ୍ରତିଶତ ମତଦାନ ହୋଇଥିଲା । କେତେକ ମତଦାନ କେନ୍ଦ୍ରକୁ କେବଳ ମହିଳାମାନେ ପରିଚାଳନା କରିଥିଲେ । ମତଦାନ ଶେଷ ହେବା ପରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଗୁଡ଼ିକୁ ସିଲଚର୍, କରିମ୍‌ଗଞ୍ଜ ଓ ହାଇଲାକାଣ୍ଡିର ଷ୍ଟ୍ରଙ୍ଗ୍ ରୁମ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି ।

# ଫରେନ୍ ସେକ୍ରେଟେରୀ-ୟୁଏସ୍

ତିନି ଦିନିଆ ଆମେରିକା ଗସ୍ତରେ ଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ଗତିପଥ ନେଇ ସେଠାକାର ପ୍ରମୁଖ ନେତୃତ୍ୱଙ୍କ ସହ ଆଲୋଚନା କରୁଛନ୍ତି । ସମ୍ପ୍ରତି ମଧ୍ୟପ୍ରାଚ୍ୟର ପରିସ୍ଥିତି ପରେ ଦେଖାଦେଇଥିବା ଶକ୍ତି ସଂକଟ ନେଇ ଆଲୋଚନା କରିଥିବା ବେଳେ ଶ୍ରୀ ମିଶ୍ରି ଖାଦ୍ୟ ଏବଂ ଅର୍ଥନୈତିକ ସୁରକ୍ଷା ସମ୍ବନ୍ଧରେ ପ୍ରତିପକ୍ଷଙ୍କ ସହ ମତବିନିମୟ କରିଥିବା ଜଣାପଡ଼ିଛି । ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଶ୍ରୀ ମିଶ୍ରିଙ୍କ ବୈଠକ ଓ ଆଲୋଚନା ଫଳପ୍ରଦ ହେବ ବୋଲି ଆଶା କରାଯାଉଛି ।

ଗତକାଲି ଶ୍ରୀ ମିଶ୍ରି ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହ ଏକ ବୈଠକରେ ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ପ୍ରତିରକ୍ଷା ସହଯୋଗ ବିଷୟ ଉପରେ ଆଲୋଚନା କରିଛନ୍ତି । ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ବୈଠକରେ ଉପସ୍ଥିତ ଥିଲେ । ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଗଠନମୂଳକ ଆଲୋଚନା ହୋଇଛି । ଆସନ୍ତା ମାସରେ ମାର୍କ ରୁବିଓ ଭାରତ ଗସ୍ତରେ ଆସିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି ।

## ଇସ୍ରାଏଲ୍ କ୍ରିଟିସାଇଜ୍ ପାକ୍

ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍‌ଙ୍କ ମନ୍ତବ୍ୟକୁ ଇସ୍ରାଏଲ୍ କଡ଼ା ସମାଲୋଚନା କରିବା ସହ ଏହାକୁ ଅପରାଧ ମନୋବୃତ୍ତି ସମ୍ପନ୍ନ ବୋଲି କହିଛି । ମଧ୍ୟପ୍ରାଚ୍ୟ ଉତ୍ତେଜନାରେ ନିରପେକ୍ଷ ମଧ୍ୟସ୍ଥତା ନେଇ ପାକିସ୍ତାନ ଭୂମିକା ଉପରେ ଇସ୍ରାଏଲ୍ ସନ୍ଦେହ ପ୍ରକାଶ କରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍‌ର ବିନାସ ପାଇଁ ଦିଆଯାଇଥିବା ଆହ୍ୱାନ କୌଣସି ସରକାରଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ଏବଂ ବିଶେଷ କରି ଶାନ୍ତି ପ୍ରତିଷ୍ଠା ଦିଗରେ ମଧ୍ୟସ୍ଥତା ଭୂମିକା ଗ୍ରହଣ କରୁଥିବା ଦେଶର ଏଭଳି ମନ୍ତବ୍ୟ ନିନ୍ଦନୀୟ । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସାମାଜିକ ଗଣମାଧ୍ୟମରେ ଇସ୍ରାଏଲ୍‌କୁ ଉତ୍ତେଜନା ସୃଷ୍ଟିକାରୀ ଭାବରେ ମନ୍ତବ୍ୟ ଦେବା ପରେ ଇସ୍ରାଏଲ୍ ପକ୍ଷରୁ ଏହାକୁ ଇହୁଦି ବିରୋଧି ବୋଲି କୁହାଯାଇଛି । ଶ୍ରୀ ଆସିଫ୍ ସାମାଜିକ ଗଣମାଧ୍ୟମରେ ଗାଜା, ଇରାନ୍ ଏବଂ ଲେବାନନ୍‌ରେ ସୃଷ୍ଟି ହୋଇଥିବା ପରିସ୍ଥିତିରେ ଇସ୍ରାଏଲ୍‌ର ଭୂମିକାକୁ ନେଇ ପ୍ରଶ୍ନ କରିଛି ।

## ଟ୍ରମ୍ପ୍-ଇରାନ୍ ସିଜ୍‌ଫାୟାର୍

ଆମେରିକା-ଇରାନ୍ ଯୁଦ୍ଧ ବିରତିର ପ୍ରଭାବ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଇରାନ୍ ହର୍ମୁଜ୍ ପ୍ରଣାଳୀ ଦେଇ ତୈଳ

କାରବାର ସମ୍ପର୍କିତ ସର୍ତ୍ତାବଳୀ ପାଳନ କରୁନାହିଁ । ସେହି ବାଟ ଦେଇ ଯାଉଥିବା ଟ୍ୟାଙ୍କରଗୁଡ଼ିକ ଉପରୁ ତେହେରାନ ଶୁଳ୍କ ଆଦାୟ କରୁଥିବା ନେଇ ସେ ଇରାନ୍‌କୁ ଚେତାବନୀ ଦେଇଛନ୍ତି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଯୁଦ୍ଧ ବିରତିର ଏକ ଅଂଶ ଭାବରେ ହର୍ମୁଜ୍ ପ୍ରଣାଳୀକୁ ଇରାନ୍ ଖୋଲା ରଖିବା ଆବଶ୍ୟକ । ଇରାନ୍ ସେନା ଦ୍ୱାରା ଶୁଳ୍କ ଆଦାୟ ଯୁଦ୍ଧ ବିରତି ପ୍ରସ୍ତାବର ବିରୋଧି ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ ଯୁଦ୍ଧ ବିରତି ପରେ ଆକ୍ରମଣ ଏବଂ ପ୍ରତି-ଆକ୍ରମଣ ହ୍ରାସ ପାଇଛି । ଇରାନ୍‌ର ହର୍ମୁଜ୍ ପ୍ରଣାଳୀ ଉପରେ ନିୟନ୍ତ୍ରଣ ଏବଂ ୟୁରାନିୟମ୍ ଭଣ୍ଡାର ତଥା ଆଞ୍ଚଳିକ-ସାମରିକ କାର୍ଯ୍ୟକଳାପକୁ ନେଇ ଉତ୍ତେଜନା ଜାରି ରହିଛି । ଇରାନ୍ ରାଷ୍ଟ୍ରପତି ମସୁଦ୍ ପେଜେସ୍କିୟାନ୍ କହିଛନ୍ତି, ଯୁଦ୍ଧବିରତି ଗ୍ରହଣ କରିବା ନିଷ୍ପତ୍ତି ଦେଶର ନେତୃତ୍ୱ ଦ୍ୱାରା ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି । ଯୁଦ୍ଧବିରତି କାର୍ଯ୍ୟକାରୀ ହେବା ପରଠାରୁ ଆମେରିକା, ଇସ୍ରାଏଲ୍ ଓ ଇରାନ୍ ପକ୍ଷରୁ କୌଣସି ପ୍ରକାରର ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ୍ ମିଳିନାହିଁ ।

## ୱାର୍ଲ୍ଡ ହୋମିଓପାଥି ଡେ

ହୋମିଓପାଥିର ପ୍ରତିଷ୍ଠାତା ଡକ୍ଟର ହାନିମାନଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ଲାଗି ଆଜି ପାଳନ କରାଯାଉଛି ବିଶ୍ୱ ହୋମିଓପାଥି

ଦିବସ । ବିଶ୍ୱ ହୋମିଓପାଥି ଦିବସ ୨୦୨୬ ର ବିଷୟବସ୍ତୁ ହେଉଛି 'ସ୍ଥାୟୀ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି' ।

ପ୍ରାୟ ଏକ ଚତୁର୍ଥାଂଶ ପଞ୍ଜିକୃତ ହୋମିଓପାଥିକ ଚିକିତ୍ସକଙ୍କ ସହ ଭାରତ ବିଶ୍ୱର ସର୍ବବୃହତ ହୋମିଓପାଥିକ କାର୍ଯ୍ୟଶକ୍ତି ମଧ୍ୟରୁ ଗୋଟିଏ । ବିଶ୍ୱ ହୋମିଓପାଥି ଦିବସ ପାଳନ କରିବା ପାଇଁ, ଆୟୁଷ ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଏକ ଦୁଇ ଦିନିଆ ଆଲୋଚନାଚକ୍ର ଆୟୋଜନ କରୁଛି। ଏଥିରେ ସ୍ଥାୟୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ନିର୍ମାଣରେ ହୋମିଓପାଥିର ବିକଶିତ ଭୂମିକା ଉପରେ ବିଚାର ବିମର୍ଶ କରିବା ପାଇଁ ପ୍ରମୁଖ ନୀତି ନିର୍ଦ୍ଧାରକ ଓ ଗବେଷକମାନେ ଏକତ୍ରିତ ହେବ। ଆୟୁଷ ମନ୍ତ୍ରଣାଳୟ କହିଛି ଯେ ଏହି କାର୍ଯ୍ୟକ୍ରମ ହୋମିଓପାଥି କ୍ଷେତ୍ରରେ ପ୍ରମୁଖ ଗବେଷଣା ଉନ୍ନତି, ଜନସ୍ୱାସ୍ଥ୍ୟ ପଦକ୍ଷେପ ଏବଂ ନୀତି ବିକାଶକୁ ପ୍ରଦର୍ଶନ କରିବ।

## ଇସ୍ରାଏଲ୍-ଲେବାନନ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି, ସେ ଲେବାନନ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବା ଲାଗି ତାଙ୍କ ମନ୍ତ୍ରିମଣ୍ଡଳକୁ ନିର୍ଦ୍ଦେଶ ଦେଇଛନ୍ତି । ଲେବାନନ ସହ କୌଣସି ଯୁଦ୍ଧବିରତି ହୋଇନଥିବା ସେ ସ୍ପଷ୍ଟ କରିଛନ୍ତି । ଏକ ଭିଡ଼ିଓ ବିବୃତ୍ତିରେ ଶ୍ରୀ ନେତାନ୍ୟାହୁ କହିଛନ୍ତି, ଉତ୍ତର ଇସ୍ରାଏଲ୍‌ରେ ସୁରକ୍ଷା ପୁନଃ ସ୍ଥାପିତ ନ

ହେବା ପର୍ଯ୍ୟନ୍ତ ହିଜ୍‌ବୁଲ୍ଲା ଉପରେ ଆକ୍ରମଣ ଜାରି ରହିବ । ଇସ୍ରାଏଲ୍‌ର ଆକ୍ରମଣରେ ଲେବାନନ୍‌ରେ ମୃତ୍ୟୁ ସଂଖ୍ୟା ୩୦୩କୁ ବୃଦ୍ଧି ପାଇଥିବା ସୂଚନା ମିଳିଛି । ଆସନ୍ତା ସପ୍ତାହରେ ଇସ୍ରାଏଲ୍-ଲେବାନନ୍ ମଧ୍ୟରେ ଆଲୋଚନା ହେବା ନେଇ ଆକଳନ କରାଯାଉଥିବା ବେଳେ ଇସ୍ରାଏଲ୍‌ର ଆଲୋଚନା ପ୍ରସ୍ତାବ ନେଇ ଲେବାନନ୍ ପକ୍ଷରୁ କୌଣସି ମତାମତ ମିଳିନାହିଁ ।

## ଜୟଶଙ୍କର-ମରିସସ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ଭାରତ ଏବଂ ମରିସସ୍ ମଧ୍ୟରେ ସହଭାଗିତା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଗତକାଲି ନବମ ଭାରତ ମହାସାଗର ସମ୍ମିଳନୀରେ ଯୋଗଦେବା ପାଇଁ ଡକ୍ଟର ଜୟଶଙ୍କର ମରିସସ୍‌ରେ ପହଞ୍ଚିଥିଲେ । ପୋର୍ଟ୍‌ଲୁଇସ୍‌ରେ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ରାମ୍ ଗୁଲାମ୍‌ଙ୍କୁ ସାକ୍ଷାତ କରିବା ପରେ ଡକ୍ଟର ଜୟଶଙ୍କର କହିଛନ୍ତି, ଉଭୟ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ, ସହଭାଗିତା, ସ୍ୱାସ୍ଥ୍ୟ, ଶିକ୍ଷା, କ୍ଷମତା ନିର୍ମାଣ ଏବଂ ଲୋକସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା ହୋଇଛି । ଡକ୍ଟର ଜୟଶଙ୍କର ମରିସସ୍‌କୁ ଭାରତର ନିରନ୍ତର ସମର୍ଥନ ବିଷୟ ସ୍ପଷ୍ଟ କରିଛନ୍ତି ।

ବୈଦେଶିକ ମନ୍ତ୍ରୀ କହିଛନ୍ତି, ଗତବର୍ଷ ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମରିସସ୍ ଗସ୍ତ ସମୟରେ ଉଭୟ ଦେଶ ରଣନୈତିକ ସହଭାଗିତାକୁ ଦୃଢ଼ କରିବା ଲାଗି ସହମତ ହୋଇଥିଲେ । ପଡ଼ୋଶୀ ପ୍ରଥମ ନୀତି, ମହାସାଗର ଦୃଷ୍ଟିକୋଣ ଏବଂ ଗ୍ଲୋବାଲ୍ ସାଉଥ୍ ଦୃଷ୍ଟିରୁ ମରିସସ୍ ଭାରତର ବୈଦେଶିକ ନୀତିର ପ୍ରାଥମିକତାରେ ରହିଛି ବୋଲି ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମରିସସ୍‌ରେ ସ୍ୱାସ୍ଥ୍ୟସେବାର ବିକାଶ ସହ ଉଭୟ ଦେଶ ମଧ୍ୟରେ ସ୍ୱଚ୍ଛ ଶକ୍ତି ଓ ପରିବେଶ ଅନୁକୂଳ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିବା ଡକ୍ଟର ଜୟଶଙ୍କର କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୩ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଛି । କୋଲକାତା ଇର୍ଡେନ୍ ଗାର୍ଡେନ୍‌ସ୍‌ରେ ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ୧୮୨ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଶେଷ ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍‌ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୧୮୧ରନ୍ ସ୍କୋର

କରିଥିଲା । ମୁକୁଲ ଚୌଧୁରୀଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଆଜି ବେଙ୍ଗାଲୁରୁର ଏ.ସି.ଏ. ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ରେ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।